## ଗଞ୍ଜେଇ ଜବତ, ୪ ଗିରଫ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଟାଉନ ଥାନା ପୋଲିସ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧.୪୭୧ କିଲୋ ଗଞ୍ଜେଇ ଜବତ କରିଛି। ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କେନ୍ଦୁଝର ସହର ହଳଦିଆଟାଙ୍ଗିର, ପୁରୁଣା ବଜାର, କମାର ଗୋଡ଼ା ଗ୍ରାମରେ ପାନ ଦୋକାନରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲା। ବେଆଇନ ନିଶା କାରବାର ଓ ଚାଲାଣ ଅଭିଯୋଗରେ ସିଦ୍ଧେଶ୍ୱର ନାୟକ (୩୩), ଚନ୍ଦ୍ରଭାନୁ ସାହୁ, ଅଭିମନ୍ୟୁ ଦାସ, ସସ୍ମିତା ସାହୁ (୪୦)ଙ୍କୁ ଗିରଫ କରିଥିଲା। ଏକ ମାମଲା(ନଂ.୪୪୬/୨୦୨୪) ରୁଜୁ ହୋଇଛି।

**କେନ୍ଦୁଝର**

# ସୁନ୍ଦରଗଡ଼ ଲୋଗୋ ହଟିଲା

କେନ୍ଦୁଝର,୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ)







**ଧରିତ୍ରୀ ପ୍ରଭାବ**

- ଆମ୍ବୁଲାନ୍ସ କାମରେ ନ ଲାଗିବା ଘଟଣା
- ଲୋକାର୍ପଣକୁ ନେଇ ଅନିଶ୍ଚିତତା

କେନ୍ଦୁଝର ଜିଲାରେ ଡିଏମ୍ଏଫ୍ (ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ) ଅର୍ଥରେ କିଣାଯାଇଥିବା ମୋବାଇଲ ମେଡିକାଲ ୟୁନିଟ୍ (ଆମ୍ବୁଲାନ୍ସ) ଗାଡ଼ି କାର୍ଯ୍ୟକ୍ଷମ ନ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପଡ଼ି ରହିଛି। ଏଥିସହ ଉକ୍ତ ଆମ୍ବୁଲାନ୍ସରେ ସୁନ୍ଦରଗଡ଼ ଡିଏମ୍ଏଫ୍ ଲୋଗୋ ଲଗାଯାଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଛି। ପୁରୁଣା ଲୋଗୋକୁ ହଟାଯାଇ କେନ୍ଦୁଝର ଡିଏମ୍ଏଫ୍‌ର ଲୋଗୋ ଲଗାଯାଇଥିବା ଦେଖାଯାଇଛି। ଲୋଗୋ ପରିବର୍ତ୍ତନ ହୋଇଥିଲେ ହେଁ ଗାଡ଼ି ଲୋକାର୍ପଣ କେବେ ହେବ ସୂଚନା ଦିଆଯାଇ ନ ଥିବାରୁ ଅନିଶ୍ଚିତତା ଦେଖାଯାଇଛି।

ପ୍ରକାଶ ଯେ, ଦୀର୍ଘ ପ୍ରାୟ ୯ ମାସ ହେବ କେନ୍ଦୁଝର ଜିଲାର ୧୩ ବ୍ଲକ୍ ପାଇଁ ୧୩ ମୋବାଇଲ ଆମ୍ବୁଲାନ୍ସ ୟୁନିଟ୍ ଗାଡ଼ି ଡିଏମ୍ଏଫ୍ ପକ୍ଷରୁ କିଣାଯାଇଥିଲା। ଆମ୍ବୁଲାନ୍ସ ବ୍ଲକସ୍ତରରେ ରହିବ ଏବଂ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବିଭିନ୍ନ ଗ୍ରାମାଞ୍ଚଳକୁ ଗସ୍ତ କରିବ। ଏଥିପାଇଁ ପ୍ରତ୍ୟେକ ଗାଡ଼ିରେ ଚିକିତ୍ସା ସରଞ୍ଜାମ, ଜଣେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ରହିବା ବ୍ୟବସ୍ଥା କରାଯାଇଥିଲା। ମାତ୍ର ତାହା ବ୍ୟବହାର ନ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପଡ଼ିରହିଛି। ବିଭିନ୍ନ ବ୍ଲକ୍‌ର ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ କିଣାଯାଇଥିଲେ ହେଁ ପକାଇ ରଖାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନ ପକ୍ଷରୁ ଗାଡ଼ିରେ ଲାଗିଥିବା ସୁନ୍ଦରଗଡ ଡିଏମ୍ଏଫ୍ ଲୋଗୋକୁ ହଟାଇ କେନ୍ଦୁଝର ଡିଏମ୍ଏଫ୍ ଲୋଗୋ ଲଗାଇ ଦେଇଥିଲେ ହେଁ ଗାଡ଼ି କେବେ ଲୋକାର୍ପଣ ହେବ ତାହାକୁ ନେଇ ଠିକ୍ ସୂଚନା ମିଳିନାହିଁ। ଫଳରେ ଗାଡ଼ିଗୁଡ଼ିକର ଫ୍ରି ସର୍ଭିସିଂ ସମୟ ସରିଯାଉଥିବାରୁ ନ ଚାଲିଲେ ବ୍ୟାପକ କ୍ଷତିହେବା ଆଶଙ୍କା ରହିଛି। ଆବଶ୍ୟକତା ନ ଥିଲେ କାହିଁକି ବ୍ୟୟ ବହୁଳ ଖର୍ଚ୍ଚ କରାଗଲା। ତୁରନ୍ତ ବ୍ୟବହାର କରାଯାଇ ନ ଥିବା ଏବଂ ଟ୍ରଷ୍ଟ ବୋର୍ଡ ଅନୁମୋଦନରେ ଓ ଟେଣ୍ଡର କରି କିଣାଯାଇଛି କି ନାହିଁ ସେସବୁର ତଦନ୍ତ ଜିଲାପାଳ କରିବାକୁ ଦାବି ହେଉଛି। ଏଥିସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କଠାରୁ କ୍ଷତିପୂରଣ ଆଦାୟ କରିବାକୁ ଦାବିକରି ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଜଣେ ସାମାଜିକ କର୍ମୀ ଲିଖିତ ଅଭିଯୋଗ (ରେଫରେନ୍ସ ନମ୍ବର ସିଏମ୍ଓ ୨୦୨୪୭୨୫୨୪୩) କରିଛନ୍ତି।

## ପାଟଣାକୁ ସବ୍‌ଡିଭିଜନ ମାନ୍ୟତା ଦାବି

ପାଟଣା,୨।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟକୁ ସବ୍ ଡିଭିଜନ ମାନ୍ୟତା ଦାବି ତେଜିଲା। ଏ ନେଇ ରବିବାର ପାଟଣା ବ୍ଲକ୍ ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବମନ୍ଦିର ପରିସର କଲ୍ୟାଣ ମଣ୍ଡପରେ ଅଞ୍ଚଳର ବୁଦ୍ଧିଜୀବୀ, ଯୁବନେତା, ବରିଷ୍ଠ ନାଗରିକ ଏକାଠି ହୋଇଥିଲେ। ବିଭିନ୍ନ ଫୋରମରେ ପାଟଣା ନିର୍ବାଚନମଣ୍ଡଳୀ ପାଟଣା ମୁଖ୍ୟାଳୟକୁ ସବ୍‌ଡିଭିଜନ ଘୋଷଣା କରିବାକୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଛି।

ପ୍ରକାଶ ଯେ, ବାଲେଶ୍ୱର ଜିଲା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବିଧାନସଭାରେ ରାଜ୍ୟରେ କେତୋଟି ନୂତନ ସବ୍ ଡିଭିଜନ ଖୋଲାଯିବାର ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏ ସଂକ୍ରାନ୍ତରେ ୬୪ଟି ଦାବିପତ୍ର ହସ୍ତଗତ ହୋଇଥିବା ଗୃହକୁ ସୂଚନା ଦେଇଥିଲେ। ସୂଚନା ପରେ ପାଟଣା ନିର୍ବାଚନମଣ୍ଡଳୀ ମୁଖ୍ୟାଳୟକୁ ଏଥିରେ ସାମିଲ କରିବାକୁ ଦାବି ତେଜିଛି। ଆହୂତ ସଭାରେ ପାଟଣା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ ଅଜୟ ଦାଶ, ଭାଜପା ନେତା କମଳାକାନ୍ତ ଦାଶ, ସାମାଜିକ କର୍ମୀ ଯୁଗଳ କିଶୋର ଦାଶ, ବିଜେଡି ବ୍ଲକ୍ ସଭାପତି ମାଧବାନନ୍ଦ ପୃଷ୍ଟି, କଂଗ୍ରେସ ନେତା ଲକ୍ଷ୍ମଣ ଦାଶ, ଶିଳ୍ପପତି ବିବେକାନନ୍ଦ ଦାଶ, ସାମାଜିକ କର୍ମୀ ଅଜିତ୍ ଦାଶ, ବିଜୟରତ୍ନ ପତି, ଯତୀନ୍ଦ୍ର ଦାଶ, ଅରୁଣ ମିଶ୍ର, ପୂର୍ବତନ ବଡ଼ ପାଟଣା ସରପଞ୍ଚ ସୋମବାରୀ ମୁଣ୍ଡା, ଭାଜପା ନେତା ଦୁର୍ଗାଚରଣ ନାୟକ, ସୁବ୍ରତ ଦ୍ୱିବେଦୀ, ଏସ୍‌କେ ମନସୁର, ବିଜେଡି ନେତା ସଞ୍ଜିତ ଚକ୍ର, ସୁମିତ ପତି, ଭାଗୀରଥି ଦାଶଙ୍କ ସହ ଦଳମତ ନିର୍ବିଶେଷରେ ସବୁ ବର୍ଗର ଲୋକ ସାମିଲ ହୋଇ ଗଠନମୂଳକ ମତାମତ ପ୍ରଦାନ କରିଥିଲେ। ଆଗାମୀ ରବିବାର ପାଟଣା ଓ ସାହାରପଡ଼ା ବ୍ଲକ୍‌ର ୪୦ ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧି, ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ନେଇ ପାଟଣା ଶିବମନ୍ଦିର ପ୍ରାଙ୍ଗଣରେ ଏକ ପରିବର୍ଦ୍ଧିତ ବୈଠକରେ ଆନ୍ଦୋଳନର ଚୂଡ଼ାନ୍ତ ରୂପରେଖ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପାଟଣା ନିର୍ବାଚନମଣ୍ଡଳୀ ବିକାଶ ମଞ୍ଚ ଗଠିତ ହୋଇ ଏକ ୬ ଜଣିଆ କୋର୍ କମିଟି ଗଠିତ ହୋଇଥିଲା।

## କଣ୍ଟିପାଳ ମହାବିଦ୍ୟାଳୟ ପରିଦର୍ଶନକଲେ ଏମ୍‌ପିଙ୍କ ପ୍ରତିନିଧି

ଆନନ୍ଦପୁର,୨।୯(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ କଣ୍ଟିପାଳ ମହାବିଦ୍ୟାଳୟକୁ ସୋମବାର ଏମ୍‌ପିଙ୍କ ପ୍ରତିନିଧି ପରିଦର୍ଶନ କରିଛନ୍ତି। ୧୯୯୧ରେ ପ୍ରତିଷ୍ଠିତ ମହାବିଦ୍ୟାଳୟରେ ୨୦ ବର୍ଷ ହେବ ପରିଚାଳନା କମିଟି ଗଠନ ହୋଇନାହିଁ। ଠିକ୍ ସମୟରେ ଅଧ୍ୟାପକ ଓ ଅଧ୍ୟକ୍ଷ ଆସୁ ନ ଥିବା, ପାଠପଢ଼ାରେ ଅବହେଳା, ବିଭିନ୍ନ କାର୍ଯ୍ୟରେ ଅନିୟମିତତା ଓ ପରିସରରେ କୌଣସି ଚାରାରୋପଣ ହୋଇ ନ ଥିବା ନେଇ ଅଭିଯୋଗ ହେଉଥିଲା। ଏହାକୁ ନେଇ ଏମ୍‌ପିଙ୍କ ପ୍ରତିନିଧି ଗୁଲୁନା ମହାନ୍ତ, କଣ୍ଟିପାଳ ପଞ୍ଚାୟତର ଭାଜପା ନେତା ସଙ୍ଖାଳି ନାଏକ, ଭାଜପା କର୍ମୀ ବିକାଶ ଚନ୍ଦ୍ର ବାରିକ, ନିରଞ୍ଜନ ବେହେରା, ହରିହର ବେହେରା କଣ୍ଟିପାଳ ମହାବିଦ୍ୟାଳୟରେ ପହଞ୍ଚି ସ୍ଥିତି ପରଖିଥିଲେ। ବିଳମ୍ବରେ ଆସୁଥିବା ଅଧ୍ୟାପକ ଓ କଲେଜ ଅବ୍ୟବସ୍ଥାକୁ ନେଇ ଏମ୍‌ପିଙ୍କ ପ୍ରତିନିଧି ତାଗିଦା କରିଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ରାମଚନ୍ଦ୍ରପୁର,୨।୯(ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ୨୦ନଂ. ଜାତୀୟ ରାଜପଥ ଧକୋଠା ନିକଟରେ ଜଣେ ଯୁବକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ଭାଲୁକୁମା ଗ୍ରାମର ଗଜେନ୍ଦ୍ର ପଲେଇ (୩୦)। ସୂଚନା ଅନୁଯାୟୀ, ଏକ ଲୁହାପଥର ବୋଝେଇ ଟ୍ରକ୍ କେନ୍ଦୁଝରରୁ ପାରାଦୀପ ଅଭିମୁଖ୍ୟ ଯାଉଥିବା ବେଳେ ଷଣ୍ଢକୁ ଧକ୍କା ଦେଇ ରାସ୍ତାରେ ଠିଆ ହୋଇଥିଲା। ସେହି ସମୟରେ ଗଜେନ୍ଦ୍ର ବାଇକରେ ଆସୁଥିବା ବେଳେ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଉଦ୍ଧାର କରାଯାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘସିପୁରା ପୋଲିସ ଅଧିକ ତଦନ୍ତ ଚଳାଇଛି।

## ପରିବାରକୁ ଭେଟିଲା ଜିଲା ମେଡିକାଲ ଟିମ୍

### ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ ଘଟଣା

ବଡ଼ବିଲ,୨।୯(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୌରାଞ୍ଚଳ ୱାର୍ଡ ନଂ. ୪ ଶ୍ରୀରାମ ନଗର ଅଞ୍ଚଳର ଡେଙ୍ଗୁରେ ମୃତ ବୀର ବିଶ୍ୱକର୍ମାଙ୍କ ପରିବାର ଲୋକଙ୍କୁ ସୋମବାର ୩ ଜଣିଆ ମେଡିକାଲ ଟିମ୍ ଭେଟିଛନ୍ତି। ବୀର ବିଶ୍ୱକର୍ମାଙ୍କ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ସମ୍ପର୍କୀୟ ଅଭିଯୋଗ କରିଥିଲେ।

ସୂଚନା ଅନୁଯାୟୀ, ବଡବିଲ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ସରକାରୀ ହିସାବରେ ମାତ୍ର ୯ ଜଣ ଆକ୍ରାନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଡା. ସୌଭାଗ୍ୟ ରଶ୍ମି ରଞ୍ଜନ ସାମଲ କହିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ରବିବାର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବୀର ବିଶ୍ୱକର୍ମାଙ୍କ ମୃତ୍ୟୁ ଘଟିଛି। ବୀରଙ୍କ ମୃତ୍ୟୁ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବଳଦେବ ନନ୍ଦ, ଡା. ବସନ୍ତ କୁମାର ପାତ୍ର, ପାପୁନ କୁମାର ମହାନ୍ତ ଏବଂ ବଡ଼ବିଲ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସାମଲ, ପୌର କାଉନ୍‌ସିଲର ରଶ୍ମିତା ମହାନ୍ତି ମୃତକଙ୍କ ପରିବାରକୁ ଭେଟିଛନ୍ତି। ତେବେ ସଫେଇକୁ ଗୁରୁତ୍ୱ ଦେବାକୁ ଟିମ୍ ପରାମର୍ଶ ଦେଇଥିବା ଜଣାପଡ଼ିଛି।



ମେଡିକାଲ ଟିମ୍ ମୃତକଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରୁଛି।

## ରାସ୍ତା କାମ ନିମ୍ନମାନର ଅଭିଯୋଗ

ଆନନ୍ଦପୁର,୨।୯(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଗୟଳମୁଣ୍ଡା ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧୀନରେ ନିର୍ମାଣ ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ରାସ୍ତା କାମକୁ ଗ୍ରାମବାସୀ ବିରୋଧ କରି ଏହାର ତଦନ୍ତ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଆନନ୍ଦପୁର ବ୍ଲକ୍ ଆଦିବାସୀ ବହୁଳ ପଞ୍ଚାୟତ ଗୟଳମୁଣ୍ଡାର ଉଲିବସାଠାରୁ ମଉନାଡ଼ିହି ରାସ୍ତା କାମ ଜାରି ରହିଛି। ଏ ନେଇ ୨୮ ଫେବୃୟାରୀରେ ୪ କୋଟି ୯୨ ଲକ୍ଷ ୩୧ ହଜାର ୧୩୨ ଟଙ୍କା ବ୍ୟୟରେ ପୂର୍ବତନ ବିଧାୟକ ଭାଗୀରଥି ସେଠୀଙ୍କ ଦ୍ୱାରା ଶୁଭ ଦିଆଯାଇଥିଲା। ରାସ୍ତା କାମ ବିଳମ୍ବ ହେବା ସହ ନିମ୍ନମାନର ହେଉଥିବାରୁ ଲୋକେ ହଇରାଣ ହେଉଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ରଜତ କୁମାର ସିଂ କହିଛନ୍ତି, ନିମ୍ନମାନର ରାସ୍ତା କାର୍ଯ୍ୟ ହେଉଥିଲେ ତଦନ୍ତ କରାଯାଇ ପୁନର୍ବାର ନିର୍ମାଣ କରାଯିବ। ଠିକାଦାର ଗଦାଧର ନାୟକ କହିଛନ୍ତି, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଏବଂ କିଛି ଆଗଧାଡ଼ିର ନେତାଙ୍କୁ ନେଇ ଏକ କମିଟି ଗଠନ କରାଯାଇ କାମ କରାଯାଉଛି। ପୂର୍ବତନ ସରପଞ୍ଚ ଗିରିଧାରୀ ମହାନ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଇବା ସହିତ କାର୍ଯ୍ୟଟି ନିମ୍ନମାନର ହୋଇଛି ବୋଲି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ।

## ସନ୍ଧ୍ୟା ହେଲେ ହାତୀ ଭୟ ବଢ଼ୁଛି



କେନ୍ଦୁଝର,୨।୯(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ହାତୀ ଉପଦ୍ରବ ବଢ଼ିଯାଇଛି। ସନ୍ଧ୍ୟା ହେଲେ ହାତୀ ଗାଁରେ ପଶି ଘର ଭାଙ୍ଗିବା ସହ ଚାଷ ନଷ୍ଟ କରୁଛନ୍ତି। ଏଥିସହ ହାତୀଙ୍କ ପାଇଁ ହେଉଥିବା ବିଦ୍ୟୁତ୍ କାଟ ଯୋଗୁ ଜନ ବସତି ଲୋକେ ଅନ୍ଧାରରେ କଳବଳ ହେଉଥିବା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ସଦର ବନାଞ୍ଚଳ ଅନ୍ତର୍ଗତ ବେଲଦା ବିଟ୍ ମଇଦାନକେଲ ସଂରକ୍ଷିତ ଜଙ୍ଗଲରେ ୯ ଟିକିଆ ହାତୀପଲ ଉତ୍ପାତ ଜାରି ରଖିଛନ୍ତି। ସନ୍ଧ୍ୟା ହେଲେ ହାତୀ ଚାଷ ଜମି ସହିତ ଜନ ବସତି ମୁହାଁ ହେଉଛନ୍ତି। ଫଳରେ ଜଙ୍ଗଲ ନିକଟବର୍ତ୍ତୀ ଲୋକେ ଭୟଭୀତ ହେଉଛନ୍ତି। ବନ ବିଭାଗ ପକ୍ଷରୁ ଜଙ୍ଗଲ ନିକଟବର୍ତ୍ତୀ ଜନ ବସତିରେ ସୌରଚାଳିତ ଲାଇଟ୍ ଲଗାଇବାର ବ୍ୟବସ୍ଥା କରାଗଲେ ଲୋକେ କିଛି ମାତ୍ରାରେ ଭୟରୁ ରକ୍ଷା ପାଇପାରନ୍ତେ ବୋଲି ସ୍ଥାନୀୟ ଲୋକମାନେ ଦାବି କରଛନ୍ତି। କେନ୍ଦୁଝର ସଦର ବନପାଳ ପ୍ରଦୀପ ବାରିକ କହିଛନ୍ତି, ବନ ବିଭାଗ ପକ୍ଷରୁ ଉଭୟ ହାତୀ ଏବଂ ଲୋକଙ୍କୁ ସୁରକ୍ଷା ଦିଆଯାଉଛି। ବର୍ତ୍ତମାନ ହାତୀପଲ ମଇଦାନକେଲ ଜଙ୍ଗଲରେ ଡେରା ପକାଇଥିବା ସେ ସୂଚନା ଦେଇଛନ୍ତି।

## ରାତିରେ ରିମୁଳି ବଜାରକୁ ଯାଉନି ବସ୍

### ଅସୁବିଧା ଭୋଗୁଛନ୍ତି ଯାତ୍ରୀ

ଚମ୍ପୁଆ,୨।୯(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡର ଚମ୍ପୁଆ, ଯୋଡ଼ା, ବଡବିଲ ଓ କୋଇଡ଼ା ଅଞ୍ଚଳରୁ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀବାହୀ ବସ୍ କଟକ, ଭୁବନେଶ୍ୱର ଗମନାଗମନ କରୁଛି। ମାତ୍ର ରିମୁଳି ବଜାର ଦେଇ ଯାତ୍ରା ଅନୁମତି ଥିବା ବସ୍‌ଗୁଡ଼ିକ ବଜାରକୁ ନ ଯାଇ ବାଇପାସ ଦେଇ ପଳାଉଥିବାରୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ ଭାବରେ କଟକ ଭୁବନେଶ୍ୱର ଆଡୁ ଆସୁଥିବା ଯାତ୍ରୀବାହୀ ବସ୍‌ଗୁଡିକ ରିମୁଳି ବଜାର ମଧ୍ୟକୁ ନ ଆସି ବଜାରଠାରୁ ୧ କି.ମି. ଦୂର ବାଇପାସରେ ଯାତ୍ରୀଙ୍କୁ ରାତି ଅଧରେ ଓହ୍ଲାଇ ଦେଉଛନ୍ତି। ଫଳରେ ଯାତ୍ରୀମାନଙ୍କୁ ବଜାର ମଧ୍ୟକୁ ଚାଲି ଚାଲି ଆସିବାକୁ ପଡୁଛି। ଏ ନେଇ ଚମ୍ପୁଆ ଘରୋଇ ବସ୍ ମାଲିକ ସଂଘ ସଭାପତି ଏସ୍‌ରାର ଅଲୀ କହିଛନ୍ତି, ପର୍ମିଟ ଥିବା ବସ୍‌ଗୁଡିକ ରିମୁଳି ବଜାର ଦେଇ ଯାତାୟାତ କରିବା କଥା। ମାତ୍ର କେଉଁ କାରଣ ପାଇଁ ବସ୍‌ଗୁଡ଼ିକ ବଜାର ମଧ୍ୟକୁ ପ୍ରବେଶ କରୁନି ତାହା ବୁଝିବା ପରେ ଉକ୍ତ ବସ୍ ମାଲିକଙ୍କୁ ରିମୁଳି ବଜାର ଦେଇ ଯାତାୟାତ କରିବାକୁ କୁହାଯିବ ବୋଲି ସେ କହିଥିଲେ।






## ଜଙ୍ଗଲ ସଂରକ୍ଷଣ ସଂଶୋଧନ ଅଧିନିୟମକୁ ବିରୋଧ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆଦିବାସୀ ସଂଗଠନ ବିକ୍ଷୋଭ କରୁଛନ୍ତି।

### ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ଆନ୍ଦୋଳନ

କେନ୍ଦୁଝର,୨।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଜଙ୍ଗଲ ସଂରକ୍ଷଣ ସଂଶୋଧନ ଅଧିନିୟମ-୨୦୨୩କୁ ବିରୋଧ କରି ଦେଶର ୩୧ଟି ରାଜ୍ୟର ୫୭୦ଟି ଜିଲାରେ ଏକକାଳୀନ ଅଗଷ୍ଟ ୨ରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଅବସରରେ ସୋମବାର କେନ୍ଦୁଝର ଜିଲାସ୍ତରରେ ସହରର ଧୋବାଡ଼ିହାଠାରୁ ଶତାଧିକ ଆଦିବାସୀ ଏକତ୍ରିତ ହୋଇ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଦାବି ମୁତାବକ, ଜଙ୍ଗଲ ସଂରକ୍ଷଣ ସଂଶୋଧନ ଅଧିନିୟମ-୨୦୨୩ କାର୍ଯ୍ୟକାରୀ କରି ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ପେସା ଅଧିନିୟମ ତଥା ଅନୁଚ୍ଛେଦ-୨୪୪ ଅନ୍ତର୍ଗତ ପଞ୍ଚମ ଓ ଷଷ୍ଠ କ୍ଷେତ୍ର ଅନୁସୂଚୀ ମାଧ୍ୟମରେ ମିଳିଥିବା ସାମ୍ବିଧାନିକ ଅଧିକାର, ଜଙ୍ଗଲ ଅଧିକାର, ଗ୍ରାମ ସଭାର ଅଧିକାର ଏବଂ ଆଦିବାସୀ ପରାମର୍ଶଦାତା ପରିଷଦର ଅଧିକାରକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ସମାପ୍ତ କଲାଯିବା ସହିତ ଜଙ୍ଗଲକୁ ଘରୋଇକରଣ କରି ପୁଞ୍ଜିପତିଙ୍କୁ ହସ୍ତାନ୍ତର କରାଯାଉଛି। ମାଟିତଳେ ଲୁଚି ରହିଥିବା ମୂଲ୍ୟବାନ ଧାତୁର ଉପଯୋଗ କରିବା ପାଇଁ ପୁଞ୍ଜିପତଙ୍କୁ ଜମି ଆବଣ୍ଟନ କରି ଜଳ, ଜଙ୍ଗଲ, ଜମି ମାଲିକାନା ଅଧିକାରରୁ ବଞ୍ଚିତ କରାଯାଉଛି। ଯାହା ଦ୍ୱାରା ସମଗ୍ର ଦେଶର ଆଦିବାସୀ ନିଜର ଜଳ, ଜଙ୍ଗଲ ଓ ଜମିରୁ ବ୍ୟାପକ ପରିମାଣରେ ବିସ୍ଥାପିତ ହେଉଥିବା ଅଭିଯୋଗ ହୋଇଛି। ବିକାଶ ନାମରେ ବିସ୍ଥାପନ ବଡ଼ ବଡ଼ ବନ୍ଧ ନିର୍ମାଣ କରି ବ୍ୟାପକ ପରିମାଣରେ ଆଦିବାସୀଙ୍କୁ ବିସ୍ଥାପନ କରି ଅଣ-ଅନୁସୂଚୀ ଅଞ୍ଚଳରେ ଥଇଥାନ କରାଯାଉଛି ବୋଲି ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଦେଶୀମଦ ସହ ସ୍କୁଟି ଜବତ, ମହିଳାଙ୍କ ସମେତ ୨ ଗିରଫ

ଭଦ୍ରକ,୨।୯(ସନାତନ ରାଉତ)

ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଭ୍ରାମ୍ୟମାଣ ୟୁନିଟ୍ ଉପ ନିରୀକ୍ଷକ ରବି ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଗ୍ରାମାଞ୍ଚଳ ଥାନା ଅଧୀନ ବହୁଦରଡ଼ା ଛକ ଓ ବନ୍ଧଗାଁ ନିକଟରୁ ପାଟ୍ରୋଲିଂ ସମୟରେ ୧୧୦ ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ସୋମବାର ସକାଳେ ଅବକାରୀ ନିରୀକ୍ଷକ ସୁଶ୍ରୀ ସଙ୍ଗୀତା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଟ୍ରୋଲିଂ ବେଳେ ଧାମନଗର ଥାନା ଅଧୀନ ଜଳମଣ୍ଡୁଆ ଗ୍ରାମର ଅମର କୁମାର ରାଉତ ସ୍କୁଟିରେ ଦେଶୀ ମଦ ନେଇ ଯାଉଥିଲେ। ବହୁଦରଡ଼ା ଛକ ନିକଟରୁ ତାଙ୍କୁ ଗିରଫ କରାଯାଇଥିଲା। ସ୍କୁଟି ସହ ୮୦ ଲିଟର ରନ୍ଧା ଦେଶୀମଦ ଜବତ କରାଯାଇଥିଲା। ସେହିପରି ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁ ନିକଟରୁ ୩୦ ଲିଟର ଦେଶୀ ରନ୍ଧାମଦ ଜବତ ସହ ତଳାଙ୍ଗ ଗ୍ରାମର ସନ୍ଧ୍ୟାରାଣୀ ବାରିକଙ୍କୁ ଗିରଫ କରାଯାଇଛି। ଏନେଇ ମାମଲା (ନଂ. ୨୨୬ ଓ ୨୨୭/୨୪-୨୫) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏଏସ୍‌ଆଇ ରଶ୍ମିରେଖା ଜେନା, କନଷ୍ଟେବଲ ସୁବାଶିଷ ରାଉତ, ମିଥୁନ ଜେନା, ଅଜୟ କୁମାର ଦାସ, ବିଭୁପ୍ରସାଦ ମଲ୍ଲିକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ଭଣ୍ଡାରିପୋଖରୀ, ୨।୯ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ପିରିପୁର ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାପୀଠଠାରେ ସ୍ୱର୍ଗତ ଇଂ. ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ସୋମବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତିଲତା ମହାନ୍ତିଙ୍କ ସଭାପତିତ୍ୱ ଓ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ମୁଖ୍ୟବକ୍ତା ଭାବେ ଡ. ସୁରେନ୍ଦ୍ର ମିଶ୍ର ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟିକା ପ୍ରମିଳା ଗିରି, ଶିକ୍ଷାବିତ୍ ଗୟାଧର ପଣ୍ଡା, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ବିଇଓ ଅଧିର କୁମାର ତରାଇ, ଅଜିତ୍ କୁମାର ଦାସ, ମନୋରଞ୍ଜନ ପଣ୍ଡା, ଲକ୍ଷ୍ମୀଧର ନାୟକ, ହୃଷୀକେଶ ଦାସ, ହାଡ଼ିବନ୍ଧୁ ବେହେରା, ଅଲେଖ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ଗୁଣାବଳୀର ଅବତାରଣା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷକ ମଧୁସୂଦନ ବେହେରା ଅତିଥି ପରିଚୟ ଦେଇଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ଦାସ, ମଧୁସ୍ମିତା ରାଉଳ, ଶିକ୍ଷକ ସଞ୍ଜୟ ପାତ୍ର, ବିଶ୍ୱନାଥ ନାୟକ, ଜତିନ୍ଦ୍ର ସ୍ୱାଇଁ, କେଶବ ସାହୁ, ପ୍ରଦୀପ୍ତ ମହାନ୍ତି, ପୁରାତନ ଛାତ୍ର ତ୍ରିଲୋଚନ ଦାଶ, ପ୍ରଶାନ୍ତ ସେଠୀ, ସତ୍ୟବ୍ରତ ଦାସ, ଅଭିମନ୍ୟୁ ସାହୁ, ପ୍ରଭାତ ବାରିକଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପୁଅ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଜବରଦଖଲ ଉଚ୍ଛେଦ ହେଉନି, ତାତିଲେ ଲୋକେ

## ତହସିଲ କାର୍ଯ୍ୟାଳୟ ଘେରିଲେ

ତିହିଡ଼ି,୨।୯(ସଞ୍ଜିତ ବଳ)


ତହସିଲ କାର୍ଯ୍ୟାଳୟ ଆଗରେ ତାଳପଦା ପଞ୍ଚାୟତର ଲୋକେ।

ସରକାରୀ ରାସ୍ତାକୁ ଅବରୋଧ କରି କୋଠାଘର ତିଆରି କରିଛନ୍ତି ଜଣେ ପ୍ରଧାନ ଶିକ୍ଷକ। ଏଥିଯୋଗୁ ୩ ପଞ୍ଚାୟତର ଅଧିବାସୀଙ୍କ ସହ ସ୍କୁଲ ଛାତ୍ରୀଛାତ୍ର ଦୁର୍ଦ୍ଦଶା ଭୋଗୁଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ଜବରଦଖଲ ଉଚ୍ଛେଦ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ତିହିଡ଼ି ତହସିଲ ଅଧୀନ ତାଳପଦା ପଞ୍ଚାୟତବାସୀ ତାତିଛନ୍ତି। ସେମାନେ ସୋମବାର ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ପଞ୍ଚାୟତବାସୀ ତହସିଲ ଅଫିସ୍ ସାମ୍ନାରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ନନ୍ଦପୁରଠାରୁ ବିଲଣା ଆର୍‌ଡି ରୋଡ୍ ଭାୟା ତାଳପଦା ରାସ୍ତାରେ ତାଳପଦା ସମେତ ବିଲଣା, ତଳଗୋପବିନ୍ଧା ପ୍ରମୁଖ ପଞ୍ଚାୟତର ଅଧିବାସୀ ଓ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଯାତାୟାତ କରିଥାନ୍ତି। ଏହି ରାସ୍ତା ଦେଇ କାନ୍ତକବିଙ୍କ ପୀଠକୁ ମଧ୍ୟ ଯିବାକୁ ହୋଇଥାଏ। ଜଣେ ପ୍ରଧାନ ଶିକ୍ଷକ ରାସ୍ତାର ମଧ୍ୟଭାଗକୁ ଅବରୋଧ କରି କୋଠାଘର ନିର୍ମାଣ କରିଛନ୍ତି। ଫଳରେ ସେସବୁ ପଞ୍ଚାୟତବାସୀ ଓ ସ୍କୁଲ ପିଲାମାନେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସ୍କୁଲ ପିଲାଙ୍କୁ କେନାଲର ବିପଦସଙ୍କୁଳ ରାସ୍ତାରେ ୨ କି.ମି. ଅଧିକ ରାସ୍ତା ଯିବାକୁ ପଡୁଛି। ଅବରୋଧ ଯୋଗୁ ରାସ୍ତା ନିର୍ମାଣ ପାଇଁ ମିଳିଥିବା ଅନୁଦାନ କାର୍ଯ୍ୟରେ ଲାଗିପାରୁ ନ ଥିବା ଦର୍ଶାଯାଇଛି। ଏହାର ପ୍ରତିବାଦରେ ପଞ୍ଚାୟତବାସୀ ବିଭିନ୍ନ ସମୟରେ ତତ୍କାଳୀନ ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ଜବରଦଖଲ ଉଚ୍ଛେଦ ପାଇଁ ଦାବି କରିଥିଲେ। ତହସିଲଦାର ଏକ ଡିମାର୍କେଶନ ମାମଲା (ନଂ.୧୮୧/୨୦) ରୁଜୁ କରି ଅମିନଙ୍କ ମାଧ୍ୟମରେ ମାପଚୁପ କରାଇଥିଲେ। ହେଲେ ଜବରଦଖଲ ସମ୍ପର୍କରେ ଜାଣି ପାରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ତାଳପଦା ଗ୍ରାମର ସୀତାକାନ୍ତ ଦଳେଇ, ମିନତି ଦଳେଇ ପ୍ରମୁଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜସ୍ୱ ବିଭାଗ ସଚିବ, ଜିଲାପାଳ, ତହସିଲଦାର ଓ ଜବରଦଖଲକାରୀଙ୍କ ବିରୋଧରେ ମକଦ୍ଦମା (ଡବ୍ଲ୍ୟୁପି ସି ନଂ. ୩୧୩୨୫/୨୩) ରୁଜୁ କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାର କରି ଅଭିଯୋଗର ତଦନ୍ତ କରି ୪ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ତା ୫।୧୦।୨୩ ରିଖରେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତତ୍କାଳୀନ ତହସିଲଦାରଙ୍କ ଟାଳଟୁଳ ନୀତି ଯୋଗୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିଲା।

ପରେ ପଞ୍ଚାୟତବାସୀ ନୂତନ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ ଜବରଦଖଲ ଅବରୋଧମୁକ୍ତ ଦିଗରେ ପଦକ୍ଷେପ ନିଆଯାଇ ନ ଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ପଞ୍ଚାୟତର ୱାର୍ଡସଭ୍ୟା ଜୟନ୍ତୀ ବେହେରାଙ୍କ ସମେତ ସୁବାସ ବେହେରା, ବିଦ୍ୟାଧର ଦାସ, ଦୁଃଖୀଶ୍ୟାମ ଜେନା, ଧୀରେନ୍ଦ୍ର ମହାପାତ୍ର, ତାପସ ବେହେରା, ଗୋପବନ୍ଧୁ ବେହେରା, ଗୀତାରାଣୀ ଜେନା, ଅନୀତା ଦାସ, ଅଞ୍ଜନା ଦଳେଇ, ମନ୍ଦାକିନୀ ବେହେରା, ଶାନ୍ତିଲତା ବେହେରା, ମଞ୍ଜୁଲତା ନାୟକ, କ୍ରିଷ୍ଣା ବାରିକ, ହେମଲତା ଦାସ ପ୍ରମୁଖ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ତହସିଲଦାରଙ୍କୁ ଭେଟି ତୁରନ୍ତ ଜବରଦଖଲ ଉଚ୍ଛେଦ ପାଇଁ ଦାବି ଜଣାଇଛନ୍ତି। ସପ୍ତାହକ ମଧ୍ୟରେ ଉକ୍ତ ରାସ୍ତାର ମାପଚୁପ ପରେ ଅବରୋଧମୁକ୍ତ ଦିଗରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

### ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ବୈଠକ

ଭଦ୍ରକ,୨।୯(ସନାତନ ରାଉତ)

ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ୭ଟି ସାଙ୍ଗଠନିକ ଜିଲାର ସଭାପତି ଓ କର୍ମକର୍ତ୍ତାମାନଙ୍କୁ ନେଇ ଦଳର ଭଦ୍ରକ ଲୋକ ସଭା କାର୍ଯ୍ୟାଳୟରେ ସଦସ୍ୟତା ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରମୋଦ କୁମାର ସୂତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଓ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ଅନୁସୂଚିତ ଜାତିର ଲୋକଙ୍କ ଭାବାବେଗ ସହ ଯୋଡ଼ି ହୋଇ ସେମାନଙ୍କୁ ଦଳର ସଦସ୍ୟ କରାଇବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାରୁ ସୁଫଳ ପାଇବା ପାଇଁ କର୍ମୀମାନେ ଧ୍ୟାନ ଦେବାକୁ କୁହାଯାଇଥିଲା। ରାଜ୍ୟ ସମ୍ପାଦକ ହେମନ୍ତ ମଲ୍ଲିକ, ରାଜ୍ୟ ସଂଯୋଜକ ପ୍ରଶାନ୍ତ ମଲିକ, ଚକ୍ରଧର ସେଠୀ, ସୀତାରାମ ସେଠୀ, ଯୋଗେନ୍ଦ୍ର ଦାସ, ସୁମତୀ ଜେନା, ବାମଦେବ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ଜୀବିକା ହରାଇଲେ, ଭୋକ ଉପାସରେ ପରିବାର



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଠାଦୋକାନୀ ମହାସଂଘ ସଦସ୍ୟମାନେ।

ଭଦ୍ରକ,୨।୯ (ସନାତନ ରାଉତ)

## ଉଠାଦୋକାନୀଙ୍କୁ ଥଇଥାନ ଦାବି

ଭଦ୍ରକ ସହର ରାସ୍ତାପାର୍ଶ୍ୱରେ ଉଠା ଦୋକାନୀମାନେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ବର୍ଷାଋତୁରେ ଦୋକାନ ଉଚ୍ଛେଦ କରାଯିବାରୁ ସେମାନେ ଜୀବିକା ହରାଇଲେ। ଏବେ ସେମାନଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ସେମାନଙ୍କୁ ଥଇଥାନ କରାଯିବା ସହ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଦାବି କରାଯାଇଛି। ଏନେଇ ଭଦ୍ରକର ଉଠାଦୋକାନୀ ମହାସଂଘ ପକ୍ଷରୁ ସଭାପତି ଆଇନଜୀବୀ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭେଣ୍ଡିଂଜୋନ୍ କରାଯାଇ ସେମାନଙ୍କୁ ଥଇଥାନ ସହ ଆର୍ଥିକ ସହାୟତା ବାବଦରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଦିଲୀପ କୁମାର ରାଉତରାଏ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ମହାସଂଘର ରାଧା ଦାସ, ବସିର୍ ଅହମ୍ମଦ, ମୁନ୍ତାଜ୍ ଅଲ୍ଲୀ, ଅଭିରାମ ନାୟକ, ଚନ୍ଦ୍ରଶେଖର ସାହୁ, ରମାକାନ୍ତ ସେଠୀଙ୍କ ସମେତ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ସମେତ ଏସ୍‌ପି, ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

ନୀଳଗିରି,୨।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଦେଇ ଯାଇଥିବା ୧୯ ନମ୍ବର ରାଜ୍ୟ ରାଜପଥରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ନୀଳଗିରି ଥାନା ଅଧୀନ ଏନ୍‌ଏସି ୫ ନମ୍ବର ୱାର୍ଡ ସାନଅତା ଗ୍ରାମର କିଶୋର ରାଉତ (୨୮)। ଏ ନେଇ ନୀଳଗିରି ଥାନାରେ ସୋମବାର ଏକ ଅପମୃତ୍ୟୁ ମାମଲା (ନଂ.୨୮୩/୨୪) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ରାଜପଥର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ଗଣେଶ ପୂଜା ପାଇଁ ଟ୍ରକ୍ ଓ ଭ୍ୟାନ୍‌ରୁ ଚାନ୍ଦା ଆଦାୟ ହେଉଥିଲା। ଏହି ସମୟରେ ଏକ ଅଜଣା ଭ୍ୟାନ୍ କିଶୋରଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ଦୁର୍ଘଟଣାରେ ଆହତ କିଶୋରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଅଞ୍ଚଳର ସିସିଟିଭି ଗୁଡ଼ିକୁ ଯାଞ୍ଚ ପୂର୍ବକ ନୀଳଗିରି ପୋଲିସ ପକ୍ଷରୁ ତଦନ୍ତ ଜାରି କରିଛି।

### 'ସୁଭଦ୍ରା' କର୍ମଶାଳା, ସଚେତନତା


ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଚାନ୍ଦବାଲି,୨।୯(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ସଭାଗୃହରେ ବିଡିଓ ଅସିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ଯୋଜନା ପାଇଁ ଏକ କର୍ମଶଳା ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଯୋଜନାର କାର୍ଯ୍ୟକାରିତା ଓ ଲୋକଙ୍କୁ ନିଃଶୁଳ୍କ ସେବା ଯୋଗାଇବାକୁ ସମସ୍ତ ଜନସେବା କେନ୍ଦ୍ର, ମୋ ସେବା କେନ୍ଦ୍ରର ପ୍ରତିନିଧିମାନଙ୍କୁ ବିଡିଓ ବୁଝାଇଥିଲେ। ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ସିଡିପିଓ-୧ ସବିତା ସେଠୀ, ସିଡିପିଓ-୨ ଅହଲ୍ୟାରାଣୀ ବେଜ, ଏନ୍‌ଏସି ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଜିପିଓ ଶୁଭେନ୍ଦୁ ପ୍ରଧାନଙ୍କ ସହ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଫାଇଲ ମିଳୁନି, ପୌରପାଳିକା ବୈଠକରେ ହୋହଲ୍ଲା

ଭଦ୍ରକ,୨।୯(ସନାତନ ରାଉତ)

ଭଦ୍ରକ ପୌର କାର୍ଯ୍ୟାଳୟରେ ସୋମବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟର ଏକ ଫାଇଲ୍ ମିଳୁ ନ ଥିବା ନେଇ କାଉନସିଲର ଫରିୟାଦ୍ ଖାନ୍ ପ୍ରଶ୍ନ କରିବାରୁ ବୈଠକରେ ହୋହଲ୍ଲା ଆରମ୍ଭ ହୋଇଥିଲା। ପୌରପାଳିକାର ବିଭିନ୍ନ ୱାର୍ଡରେ ନୂତନ କାର୍ଯ୍ୟ ପାଇଁ ଉଲ୍ଲେଖ ରହିଥିବା ଫାଇଲ୍‌ଟି ବୈଠକରେ ସୁପାରିଶ ହୋଇସାରିଥିଲା। ଉକ୍ତ ଫାଇଲ୍‌ଟି ମିଳୁ ନ ଥିବାରୁ ପୂର୍ବ ବୈଠକରେ ଆଲୋଚନା ହୋଇଥିବା ଫରିୟାଦ୍ କହିଛନ୍ତି। ପୌରାଧକ୍ଷାଙ୍କ ଟେବୁଲକୁ ଉକ୍ତ ଫାଇଲ ଯାଇଥିବା ବେଳେ ମିଳୁ ନ ଥିବା ସେ ଅଭିଯୋଗ କରିବା ସହ ପୌରପାଳିକା କାର୍ଯ୍ୟାଳୟରୁ ଫାଇଲ୍ ହଜିବା ଛୋଟିଆ କଥା ନୁହେଁ ବୋଲି କହିଛନ୍ତି। ଏନେଇ ପୌରାଧକ୍ଷା ଗୁଲମକ୍କୀ ହବିବ କହିଛନ୍ତି, ତାଙ୍କ ଟେବୁଲକୁ ଫାଇଲ ଆସିନାହିଁ। ଅଫିସ୍‌ର ସିଷ୍ଟମ ଅନୁସାରେ ତାଙ୍କ ଟେବୁଲକୁ ଯାହା ଫାଇଲ ଆସେ, କାର୍ଯ୍ୟନିର୍ବାହୀ ଅଧିକାରୀ ତାକୁ ରେକର୍ଡ କରିଥାନ୍ତି। ତାଙ୍କ ଟେବୁଲକୁ ଫାଇଲ ଆସିଥିଲା ବୋଲି ସେ ରେକର୍ଡ ଦେଖାଇ ପ୍ରମାଣ ଦିଅନ୍ତୁ ବୋଲି ପୌରାଧକ୍ଷା କହିଛନ୍ତି।

# ମିଳିତ ଜନଶୁଣାଣିରେ ୧୭୬ ଅଭିଯୋଗ


ଶିବିରରେ ଜଣେ ଦୃଷ୍ଟିବାଧିତ ଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରାଯାଉଛି।

ଭଦ୍ରକ,୨।୯(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ କୁମାର ରାଉତରାଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଶିବିରରେ ଯୋଗଦେଇ ମୋଟ ୧୭୬ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୧୩୮ଟି ବ୍ୟକ୍ତିଗତ ଓ ୩୮ଟି ସାମୂହିକ ଅଭିଯୋଗ ଥିଲା। ଜଳ ନିଷ୍କାସନ, ରାସ୍ତା ସମସ୍ୟା, ଚିକିତ୍ସା ସହାୟତା ଆଦି ପ୍ରମୁଖ ଅଭିଯୋଗ ରହିଥିଲା। ୯ଜଣ ଆବେଦନକାରୀଙ୍କୁ ଚିକିତ୍ସା ପାଇଁ ସମୁଦାୟ ୪୭ ହଜାର ୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଲାଗି ରେଡ୍‌କ୍ରସ ପାଣ୍ଠିରୁ ଜିଲାପାଳ ମଞ୍ଜୁର କରିଛନ୍ତି। ଜିଲା ସାମାଜିକ ସୁରକ୍ଷା ଯୋଜନାରେ ଦୃଷ୍ଟିବାଧିତ ଯୁକ୍ତ ୩ କଳାର ଛାତ୍ରୀ, ଧାମନଗରର ଗାୟତ୍ରୀ ମଲ୍ଲିକ୍ ଓ ବିଇଡିରେ ଅଧ୍ୟୟନରତ ହରିଶଙ୍କରପୁର, ଜିତାନଗରର ଦୃଷ୍ଟିବାଧିତ ଛାତ୍ର ସୌମ୍ୟରଞ୍ଜନ ସେନାପତିଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଥିଲା। ସେହିପରି ଦିବ୍ୟାଙ୍ଗ ବିବାହ ପ୍ରୋତ୍ସାହନ ରାଶି ୬ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଲେଖାଏ ସମୁଦାୟ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାର ପ୍ରମାଣପତ୍ର ବଣ୍ଟନ କରାଯାଇଛି।

## ୨ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ

ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତନ୍ମୟ କୁମାର ଜେନା ଅଭିଯୋଗ ଉପସ୍ଥାପନରେ ସହଯୋଗ କରିଥିଲେ।

# କଲେଜ ବାର୍ଷିକୋତ୍ସବ ପାଇଁ ଏକାଠି

## ବାଧା ସୃଷ୍ଟି କଲେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି

ଚାନ୍ଦବାଲି,୨।୯(କିଷାନ ପାତ୍ର)



ଚାନ୍ଦବାଲି ବ୍ଲକ ମତୋ ଯୁକ୍ତ ୩ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। ଏହି କଲେଜ ବାର୍ଷିକୋତ୍ସବର ସଫଳତା ପାଇଁ ସାମାଜିକ କର୍ମୀ ତଥା ମତୋ କଲେଜର ପୂର୍ବତନ ସଭାପତି ସନାତନ ସାହୁଙ୍କ ସଭାପତିତ୍ୱରେ ଶତାଧିକ ବୁଦ୍ଧିଜୀବୀ ସୋମବାର ସନ୍ଧ୍ୟାରେ ମତୋଠାରେ ଏକାଠି ହୋଇଛନ୍ତି। ବରିଷ୍ଠ ନେତା କାହ୍ନୁଚରଣ ବେହେରା ବାର୍ଷିକୋତ୍ସବକୁ ନେଇ କେତେଜଣ ଅଣଛାତ୍ର ଓ ଅସାମାଜିକ ବ୍ୟକ୍ତି କଲେଜ ଅଧ୍ୟକ୍ଷଙ୍କୁ ଗାଳିଗୁଲଜ କରିବା ଓ କ୍ୟାମ୍ପସରେ ଗୁଣ୍ଡାରାଜ ବିରୋଧରେ ନିନ୍ଦା ପ୍ରସ୍ତାବ ଆଣିଥିଲେ। ଶିକ୍ଷାନୁଷ୍ଠାନରେ ଏପରି କାର୍ଯ୍ୟକୁ ସମସ୍ତେ ବିରୋଧ କରିଥିଲେ। ବାଧା ସୃଷ୍ଟି କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଆଇନଜୀବୀ ଉପେନ୍ଦ୍ର ରାଉଳ, କମଳା ସୂତାର, ପୂର୍ଣ୍ଣଚନ୍ଦ୍ର ପାଣି, ପାରିଷଦ ଚନ୍ଦନ ରାଉତ, ସାମାଜିକ କର୍ମୀ ଶୀତ ମହାଳିକ, ଦୈତାରୀ ଦାସ, ମନୋଜ ଭୋଳ, ସ୍ମୃତିରଞ୍ଜନ ନାୟକ, ଉତୁକୁଡ଼ା ସରପଞ୍ଚ ସୁଶାନ୍ତ ପୁହାଣ, ମାଧପୁର ସମିତିସଭ୍ୟ ମୀନକେତନ ବିଶ୍ୱାଳ, ମୌସୁଧା ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ବଳ, ଯୁବନେତା ମାନସ ବାରିକ, ରାଜୀବ ଲୋଚନ ସାହୁ, ପ୍ରମୋଦ ସେଠୀ, ନରହରି ଦାସ, ସମିତିସଭ୍ୟ ଅଭୟ ବଳ, ହେମେନ୍ଦ୍ର ବାରିକ, ରତିକାନ୍ତ ନାୟକ, କ୍ଷୀରୋଦ ମହଲା ପ୍ରମୁଖ ଯୋଗ ଦେଇଥିଲେ।

# ବଡ଼ ସରକାର ବାବାଙ୍କ ଫାତେହା ଉତ୍ସବ ପ୍ରସ୍ତୁତି

ଭଦ୍ରକ,୨।୯(ସନାତନ ରାଉତ)


ପ୍ରସ୍ତୁତି ବୈଠକରେ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଉଛି।

ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାର ନଗର ଗୁଲସନେ ଗୌସପାକ (ଖାନକାହା)ଠାରେ ବଡ଼ ସରକାର ବାବାଙ୍କ ୧୦ମ ବାର୍ଷିକ ଫାତେହା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖାନକାହା ଗୁଲସନେ ଗୌସପାକ ଟ୍ରଷ୍ଟର ସଭାପତି ହାଜି ଶେଖ୍ ମହମ୍ମଦ ଇସାକ୍‌ଙ୍କ ସଭାପତିତ୍ୱରେ ଫାତେହା ଉତ୍ସବର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୨୩ ଓ ୨୪ ତାରିଖରେ କାର୍ଯ୍ୟକ୍ରମ ହେବ। ୨୩ ତାରିଖ ଅପରାହ୍ନ ୪ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଫାତେହା(ଭୋଗ) ପାଇଁ ଭକ୍ତମାନଙ୍କଠାରୁ ଫଳ ଗ୍ରହଣ କରାଯିବ। ୨୪ ତାରିଖ ସକାଳେ ନମାଜ ପାଠ ପରେ କୋରାନ ଖାନୀ, ମିଲାଦ ସରିଫ, ଫାତେହା କାର୍ଯ୍ୟକ୍ରମ କରାଯାଇ ଲଙ୍ଗର କରାଯିବ। ସରକାର ବାବାଙ୍କ ପାଖରେ କୌଣସି ଭେଦଭାବ ନାହିଁ। ସବୁ ଧର୍ମର ଲୋକେ ବାବାଙ୍କୁ ଦର୍ଶନ କରିପାରିବେ। ଭାଇଚାରାର ସହର ଭଦ୍ରକରେ ସରକାର ବାବାଙ୍କ ବାର୍ଷିକ ଫାତେହା ଉତ୍ସବକୁ ସମସ୍ତେ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ସହଯୋଗ କରିବାକୁ ଟ୍ରଷ୍ଟର ସମ୍ପାଦକ ଶେଖ୍ ଅତା ମୋହିଦ୍ଦିନ ନିବେଦନ କରିଛନ୍ତି। ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ସଭ୍ୟ ମିର୍ଜା ସୈଫୁଦ୍ଦିନ, ମୁଲ୍ଲା ମହମ୍ମଦ ଫଜଲେ ହକ, ମୁଲ୍ଲା ଫୁରକାନ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରତିବାଦରେ ରାସ୍ତାରୋକୋ

## ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ବିଳମ୍ବ

ଭଦ୍ରକ,୨।୯(ସନାତନ ରାଉତ)


ଜାମବଣି ଛକରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅଧୀନ ବୋଡ଼କପାଟଣାଠାରେ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଚିଠି ଅନୁସାରେ ସ୍ଥିର ହୋଇଥିଲା। ଓଡ଼ଙ୍ଗ ପଞ୍ଚାୟତକୁ ଆସିଥିବା ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ବୋଡ଼କ ପାଟଣା ଖାତା ନଂ. ୨୭୧ ଓ ପ୍ଲଟ ନଂ. ୬୬୫ରେ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଛି। ଏହାମଧ୍ୟରେ ୩ମାସ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହାର ପ୍ରତିବାଦରେ ଗ୍ରାମବାସୀ ସୋମବାର ଆଗରପଡ଼ା-ବରପଦା ରାସ୍ତାର ଜାମବଣି ଛକଠାରେ ରାସ୍ତାରୋକୋ କରି ଧାରଣା ଦେଇଥିଲେ। ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର କୌଣସି ଚାପର ବଶବର୍ତ୍ତୀ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଗତ ୨୦ ତାରିଖରେ ଜିଲାପାଳ ଦିଲୀପ କୁମାର ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ସେମାନେ ରାସ୍ତାରୋକୋ କରିଥିବା ଧାରଣାରତ ଗ୍ରାମବାସୀ କହିଥିଲେ। ଗ୍ରାମର ରାଜକିଶୋର ସ୍ୱାଇଁ, ରାଜୀବ ଲୋଚନ ଜେନା, ଅଭୟ ସ୍ୱାଇଁ, ଲକ୍ଷ୍ମୀଧର ଲେଙ୍କା, ରାଜେଶ ବାରିକ, ପର୍ଶୁରାମ ରାଉତ, ଶଶିକାନ୍ତ ଘଡ଼େଇ, କାର୍ତ୍ତିକ ରାଉତ, ବିଶ୍ୱନାଥ ଜେନା, ଲକ୍ଷ୍ମୀଧର ବାରିକ୍, ଗୌରୀ ରାଉତ, ରଜନୀ ସ୍ୱାଇଁ, ରଶ୍ମିତା ସ୍ୱାଇଁ, ସରସ୍ୱତୀ ରାଉତ, ସୁକାନ୍ତି ଓଝା ପ୍ରମୁଖ ଧାରଣାରେ ବସିଥିଲେ। ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଓ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତି ଗ୍ରାମବାସୀଙ୍କ ସହ ଆଲୋଚନା କରି ବୁଧବାର ସୁଦ୍ଧା ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

**ତାମିଲନାଡୁର ଖାଦ୍ୟ ବୋଝେଇ କଣ୍ଟେନର ଦୁର୍ଘଟଣାଗ୍ରସ୍ତ**

ଜଳେଶ୍ୱର, (ରବିନାରାୟଣ ପାତ୍ର): ଗତ ରବିବାର ବିଳମ୍ବିତ ରାତିରେ ମଧୁବନ ହେଟେଲର ଅନତି ଦୂରରେ ଏକ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇଛି। ତାମିଲନାଡୁ ଅଞ୍ଚଳରୁ ବିଭିନ୍ନ ଖାଦ୍ୟ ବୋଝେଇ କରି କୋଲକାତା ଗଲାବେଳେ ଅନ୍ୟ ଏକ ଅଜଣା ଗାଡି ପଛରେ ଧକ୍କା ଦେଇଥିଲା। ଫଳରେ ଗାଡିର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଛି। ଡ୍ରାଇଭର ଓ ହେଲପର ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଜିକେଭଟ୍ଟର ଡାକ୍ତରଖାନାକୁ ଆଣିଥିଲେ। ପରେ ପଶ୍ଚିମବଙ୍ଗକୁ ଚିକିତ୍ସା ଲାଗି ଯାଉଥିବା ବେଳେ କଣ୍ଟେନରକୁ ପୋଲିସ୍ ଜବତ୍ କରିଛି।

# ବାଲେଶ୍ୱର

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ନୀଳଗିରି, ୨୧୯(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଦେଇ ଯାଇଥିବା ୧୯ ନମ୍ବର ରାଜ୍ୟ ରାଜପଥରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ନୀଳଗିରି ଥାନା ଅଧୀନ ଏନ୍ଏସି ୫ ନମ୍ବର ୱାର୍ଡ ସାନଅତା ଗ୍ରାମର କିଶୋର ରାଉତ (୨୮)। ଏ ନେଇ ନୀଳଗିରି ଥାନାରେ ସୋମବାର ଏକ ଅପମୃତ୍ୟୁ ମାମଲା (ନଂ.୨୮୩/୨୪) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏହି ରାଜପଥର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ଗଣେଶ ପୂଜା ପାଇଁ ଟ୍ରକ୍ ଓ ଭ୍ୟାନ୍‌ରୁ ଚାନ୍ଦା ଆଦାୟ ହେଉଥିଲା। ଏହି ସମୟରେ ଏକ ଅଜଣା ଭ୍ୟାନ୍ କିଶୋରଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ଦୁର୍ଘଟଣାରେ ଆହତ କିଶୋରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଅଞ୍ଚଳର ସିସିଟିଭି ଗୁଡ଼ିକୁ ଯାଞ୍ଚ ପୂର୍ବକ ନୀଳଗିରି ପୋଲିସ ପକ୍ଷରୁ ତଦନ୍ତ ଜାରି କରିଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ମାଣ ଶ୍ରମିକଙ୍କ ଦାବିପତ୍ର

ଜଳେଶ୍ୱର, ୨୧୯ (ରବିନାରାୟଣ ପାତ୍ର/ନବୀନ ସାହୁ)

ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସରକାରୀ ସହାୟତା ମିଳୁଥିବା ଅର୍ଥରାଶିକୁ ବୃଦ୍ଧି କରିବା ଦାବିରେ ସୋମବାର ନିର୍ମାଣ ଶ୍ରମିକ ସଂଘ (ସିଟୁ)ର ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକମାନଙ୍କ ଝିଅ ବାହାଘର ପାଇଁ ପ୍ରଥମେ ୧୦ହଜାରରୁ ୨୫ହଜାରକୁ ବୃଦ୍ଧି କରିବା ପରେ ସରକାର ଏହାକୁ ୫୦ହଜାର ଟଙ୍କାକୁ ବୃଦ୍ଧି କରି ସହାୟତା ଦେଇଆସୁଛନ୍ତି। ଏହି ରାଶିକୁ ୧ଲକ୍ଷ ଟଙ୍କା ବୃଦ୍ଧି କରିବା, ଶିକ୍ଷାବୃତ୍ତି, ପ୍ରସୂତି, ମୃତ୍ୟୁକାଳୀନ ସହାୟତା ରାଶିକୁ ୨ଗୁଣ ବୃଦ୍ଧି ଆଦି ସଂଘ ପକ୍ଷରୁ ଦାବି ହୋଇଛି। କେତେକ ବ୍ଲକକୁ ନେଇ ଜଣେ ଏଏଲଓ ନିଯୁକ୍ତି ପାଇଥିବା ବେଳେ ଅଧିକ କର୍ମଚାରୀ ଘର କମ୍ପ୍ୟୁଟର ଉପକରଣ ଯୋଗାଇବାକୁ ଦାବି କରିଛନ୍ତି। ବ୍ଲକ ସମ୍ପାଦକ ପଲଟୁ ଦାସଙ୍କ ନେତୃତ୍ୱରେ ସିଟୁର ନେତା ଦୀପ୍ତିମାନ ଆଚାର୍ଯ୍ୟ, କୃଷକମୋର୍ଚ୍ଚା ସମ୍ପାଦକ ଦିଲୀପ ଗିରି, ରାଧାଶ୍ୟାମ ପରିଡା, ସସ୍ମିତା ପ୍ରମାଣିକ, ସବିତା ଭୂୟାଁ, ଅବଦୁଲ ରହିମ ଖାଁ, ଅଶୋକ ଜେନା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓ ପୁନମ ରାଉତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଯୁବ ଡାକ୍ତରଙ୍କ ଅକାଳ ବିୟୋଗ

ଖଇରା, ୨୧୯(ଉତ୍କଳବନ୍ଧୁ ପଣ୍ଡା)



ଖଇରା ବ୍ଲକ ଅଧୀନ ଢୁଙ୍ଗୁରା ଆୟୁଷ୍ମାନ ଅରୋଗ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଅମରଜିତ ମହାପାତ୍ର(୪୮)ଙ୍କ ଶୁକ୍ରବାର ରାତିରେ ଅକାଳ ବିୟୋଗ ଘଟିଛି। ଖଇରା ବ୍ଲକ କୁପାରୀ ଗ୍ରାମର ଡା. ମହାପାତ୍ର ଗତ କିଛି ମାସ ହେଲା କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଖଇରା, ଢୁଙ୍ଗୁରା ପରେ କୁପାରୀ ବଜାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁରେ ବରିଷ୍ଠ ନାଗରିକ ମଞ୍ଚ, ପ୍ରତିଭା ପରିବାର, ଖଇରା ସାହିତ୍ୟ ସଂସଦ, ଜନଜାଗରଣ ମଞ୍ଚ, ମା' ଅମ୍ବିକା ସାହିତ୍ୟ ସଂସଦ କୁପାରୀ ଓ ଅନ୍ୟ ସଂଘ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି।

## ଟିଭି, ମୋବାଇଲ୍‌କୁ ନା, ଚାରାରୋପଣକୁ ହଁ

### କୁନି ପରିବେଶପ୍ରେମୀ ଯୁବରାଜ

ବାଲେଶ୍ୱର, ୨୧୯(ବାଞ୍ଛାନିଧି ଦେ)

ମାଟି, ପାଣି, ପବନ ସବୁକିଛି ଏବେ ପ୍ରଦୂଷିତ। ଭିତ୍ତିଭୂମି ବିକାଶ ଓ ସହରୀକରଣ ପାଇଁ ଚାଲିଛି ଅବାଧ ଗଛକଟା। ଶିଳ୍ପାୟନ ପାଇଁ ବାୟୁ ପ୍ରଦୂଷଣ ବଢୁଛି। ବିଷାକ୍ତ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ରସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର ଯୋଗୁ ମାଟିର ଉର୍ବରତା ହ୍ରାସ ପାଉଛି। ଖାଦ୍ୟ ବଦଳରେ ମଣିଷ ବିଷ ଖାଉଛି। ଏ ସୁନ୍ଦର ପୃଥିବୀକୁ ରକ୍ଷା କରିବାକୁ ହେବ। ପ୍ରଦୂଷଣମୁକ୍ତ ପରିବେଶ ଗଠନ ପାଇଁ ବ୍ୟାପକ ଚାରାରୋପଣର ଆବଶ୍ୟକତା ରହିଛି। ମା', ବାପାଙ୍କ ପ୍ରେରଣାରେ ଜଣେ ୬ବର୍ଷର ଛାତ୍ର ପରିବେଶ ସୁରକ୍ଷା ପାଇଁ ଆଗଭର ହୋଇଛନ୍ତି। ଭବିଷ୍ୟତ ପିଢ଼ିଙ୍କ ପାଇଁ 'ସବୁଜ ଉଦ୍ୟାନ ପୃଥିବୀ' ଗଠନ ଦିଗରେ ଚାରାରୋପଣ ସହ ସଚେତନତାର ବାର୍ତ୍ତା ଦେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି।

ଏହି କୁନି ପରିବେଶପ୍ରେମୀ ହେଉଛନ୍ତି ଯୁବରାଜ ଆଦିତ୍ୟ ସ୍ୱାଇଁ। ମା' ସସ୍ମିତାରାଣୀ କର ଜଣେ ଇଞ୍ଜିନିୟର ଏବଂ ବାପା ବଂଶୀଧର ସ୍ୱାଇଁ ଜଣେ ଆର୍ମି ଅଫିସର। ବାଲେଶ୍ୱର ସହର ଆଜିମାବାଦ ଅଞ୍ଚଳରେ ତାଙ୍କ ଘର। ଯୁବରାଜ ଏବେ ସେଣ୍ଟ ଭିନ୍‌ସେଣ୍ଟ କନଭେଣ୍ଟ ସ୍କୁଲରେ କେଜି-୨ରେ ଅଧ୍ୟୟନ କରୁଛନ୍ତି। ସୁସ୍ଥ ପରିବେଶ ଗଠନ ପାଇଁ ମା', ବାପାଙ୍କ ଚିନ୍ତାଧାରା ଓ ପ୍ରେରଣା କୁନିପୁଅକୁ ପରିବେଶ ସୁରକ୍ଷା ପାଇଁ ଉତ୍ସାହ ଦେଇଛି। ପ୍ରକୃତିବନ୍ଧୁ ହୋଇ ସବୁଜ ଉଦ୍ୟାନ ପୃଥିବୀ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ। ମୋବାଇଲ, ଟିଭିଠାରୁ ଦୂରରେ ରହି ଛାତ୍ରୀଛାତ୍ର ଅଧ୍ୟୟନ ସହ ବିଭିନ୍ନ ସ୍ଥାନରେ ଚାରାରୋପଣ କରବା ପାଇଁ ସେ ବାର୍ତ୍ତା ଦେଉଛନ୍ତି। ପର୍ଯ୍ୟାପ୍ତ ଚାରାରୋପଣ ଦ୍ୱାରା ସୁସ୍ଥ ପରିବେଶ ଗଠନ ସହ ବିଭିନ୍ନ କିସମର ଫୁଲ, ଫଳ ଏବଂ ବାୟୁମଣ୍ଡଳରେ ଅମ୍ଳଜାନର ଅଭାବ ରହିବ ନାହିଁ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି। ବାଲେଶ୍ୱର, ମୟୂରଭଞ୍ଜ ସମେତ ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁଆ, ଲେମ୍ବୁ, ଆମ୍ବ, ପିଜୁଳି, ଡାଳିମ୍ବ, ଚାଇନା ଟଗର, ମନ୍ଦାର ଆଦି ବିଭିନ୍ନ କିସମର ଫୁଲ ଓ ଫଳର ୨୫ଶହ ଚାରାରୋପଣ କରି ପ୍ରଶଂସା ସାଉଁଟିଛନ୍ତି। ୨୦୨୫ ସୁଦ୍ଧା ମୋଟ୍ ୬ ହଜାର ଚାରାରୋପଣ କରିବା ଲକ୍ଷ୍ୟ ଥିବା ସେ କହିଛନ୍ତି। ଯୁବରାଜଙ୍କୁ ତାଙ୍କ ପରିବାର ସମେତ ଜେଜେ, ବଡ଼ମା' ଓ ବଡ଼ବାପା, ଆଈ ଓ ଅଜା, ମାଇଁ ଓ ମାମୁ ଏହି ଚାରାରୋପଣ ଦିଗରେ ପ୍ରୋତ୍ସାହନ ଦେଉଛନ୍ତି।



ଏକ ସ୍କୁଲ ପରିସରରେ ଚାରାରୋପଣ କରୁଛନ୍ତି ଯୁବରାଜ।

## ପରିବେଶ ସୁରକ୍ଷା ପାଇଁ ସବୁଜ ବିପ୍ଳବ

### ମିଶନ-୧ ହଜାର ଚାରାରୋପଣ ଲକ୍ଷ୍ୟ


କଣ୍ଟାବଣିଆ ଖେଳପଡ଼ିଆରେ ଚାରା ରୋପଣ କରାଯାଉଛି।

ରେମୁଣା, ୨୧୯(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଶେରଗଡ଼, ନୂଆଗାଁ ଓ ବରୁଣସିଂ ପଞ୍ଚାୟତ ଯୁବଗୋଷ୍ଠୀଙ୍କ ମିଳିତ ସହଯୋଗରେ ସାର୍ବଜନୀନ ଚାରରୋପଣ କାର୍ଯ୍ୟକ୍ରମ ସବୁଜ ବିପ୍ଳବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ନାୟକ, ସାମାଜିକ କର୍ମୀ ଇଂ. ଦେବେନ୍ଦ୍ର ଧିନ୍ଦା ଓ ମନୋଜ ରାଉତଙ୍କ ନେତୃତ୍ୱରେ ବନୀକରଣ ସହ ଜଳବାୟୁ ସମ୍ପର୍କିତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଇଂ. ଧିନ୍ଦା, ପରିବେଶପ୍ରେମୀ ଗୋକୁଳାନନ୍ଦ ପଣ୍ଡା ଓ ଗୌରାଙ୍ଗ ପ୍ରଧାନ ପ୍ରମୁଖ ଯୋଗଦେଇ ବନୀକରଣର ଉଦ୍ଦେଶ୍ୟ ଏବଂ ପରିବେଶ ସୁରକ୍ଷା ଲାଗି ସବୁଜ ବିପ୍ଳବ ଜରୁରୀ ବୋଲି ମତବ୍ୟକ୍ତ କରି ମିଶନ-୧ ହଜାର ବୃକ୍ଷରୋପଣ କରିବାର ଲକ୍ଷ୍ୟ ଥିବା କହିଥିଲେ। ମା' ମଙ୍ଗଳା ଯୁବକ ସଂଘର ସଭ୍ୟାସଭ୍ୟ ଯୋଗଦେଇ ଶେରଗଡ଼ ପଞ୍ଚାୟତ କଣ୍ଟାବଣିଆ ଖେଳପଡ଼ିଆ ଚତୁଃପାର୍ଶ୍ୱରେ ୨ଶହରୁ ଅଧିକ ଚାରାରୋପଣ କରିଥିଲେ।

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ଭୋଗରାଇ, ୨୧୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଚୌକି ବଜାରରେ ଅଳଙ୍କାର ଦୋକାନ କରିଥିବା ବାପ ପୁଅ ଲୁଟ୍‌ର ଶିକାର ହୋଇଛନ୍ତି। ୪ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟିନେଇ ଚମ୍ପଟ ମାରିଛନ୍ତି। ଏହି ଘଟଣାରେ ଭୋଗରାଇ ପୋଲିସ ପ୍ରାଥମିକ ତଦନ୍ତ କରି ଦୁର୍ବୃତ୍ତଙ୍କୁ ଧରିବା ଲାଗି ତଲାସୀ ଜାରି ରଖିଛି।

ସୂଚନା ଅନୁଯାୟୀ ବିଭିନ୍ନ ସ୍ଥାନରେ ସୁନା ଅଳଙ୍କାର ଦୋକାନରୁ ଘନ ଘନ ଡକାୟତି ହେଉଥିବାରୁ ଦିଗରାଶି ଗ୍ରାମର ଦେବାଶିଷ ସାହୁ ଏବଂ ତାଙ୍କ ବାପା ରାଧାକାନ୍ତ ସାହୁ ରବିବାର ରାତିରେ ଦୋକାନରେ ଥିବା ଅଳଙ୍କାରକୁ ଏକ ବ୍ୟାଗ୍‌ରେ ପୂରାଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଚୌକି କୁମ୍ଭାରମୁଳୀ ନିଛାଟିଆ ବିଲ ମଝି ରାସ୍ତାରେ ୪ ଦୁର୍ବୃତ୍ତ ଦୋକାନୀଙ୍କୁ ଅଟକାଇ ବ୍ୟାଗ ଝାମ୍ପି ନେବାବେଳେ ଉଭୟପକ୍ଷରେ ଠେଲାପେଲା ହୋଇଥିଲା। ଦୁର୍ବୃତ୍ତମାନେ ଏକ କୋଦାଳ ବେଣ୍ଟ କାଠରେ ରାଧାକାନ୍ତଙ୍କ ମୁଣ୍ଡରେ ପ୍ରହାର କରିବାରୁ ସେ ତଳେ ପଡ଼ିଯିବା ପରେ ତାଙ୍କ ପୁଅ ଦେବାଶିଷଙ୍କୁ ମଧ୍ୟ ପିଠିରେ ବାଡ଼େଇ ବ୍ୟାଗରେ ଥିବା ସୁନା ଅଳଙ୍କାର ଲୁଟିନେଇ ୨ ପଲସର ଗାଡ଼ିରେ ପଶ୍ଚିମବଙ୍ଗ ସଂଯୋଗ ରାସ୍ତାରେ ଚମ୍ପଟ ମାରିଥିଲେ। ୨ ଦୋକାନୀ ବାପ ପୁଅ ଏବେ ଆହତ ହୋଇ ଚିକିତ୍ସାଧୀନ ଥିବା ସୂଚନା ମିଳିଛି। ଅପରପକ୍ଷରେ ବାରବାଟିଆ ବାସନ୍ତୀ ପଡିଆରେ ଏକ ଗ୍ରସେରୀ ଦୋକାନରେ ରବିବାର ରାତି ଚୋରି ଘଟଣାରେ ଗ୍ରାମବାସୀ ୨ ଯୁବକଙ୍କୁ ଚୋରି ସନ୍ଦେହରେ ଅଟକ ରଖି ମାରଧର କରିବା ପରେ ସେମାନେ ଚୋରି କରିଥିବା ସ୍ୱୀକାର କରିଛନ୍ତି।

ଚନ୍ଦନେଶ୍ୱର ଫାଣ୍ଡିରେ ୨ ଚୋରଙ୍କୁ ଗ୍ରାମବାସୀ ଜିମା ଦେଇଛନ୍ତି। ଚୋରି କରିଥିବା ଯୁବକମାନେ ହେଲେ ବାରବାଟିଆ ଗ୍ରାମର ଗୋବିନ୍ଦ ପାତ୍ର ଓ ଚଣ୍ଡିସିଂପୁର ଗ୍ରାମର ଦୀପକ ରାଉତ। ୨ଯୁବକଙ୍କ ନାମରେ ମାମଲା ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ ପାଇଛି। ଏହି ଘଟଣା ସମସ୍ତ ବ୍ୟବସାୟୀଙ୍କ ପ୍ରତି ସତର୍କ ଘଣ୍ଟି ହୋଇଥିବା ବେଳେ ମୁଖ୍ୟବଜାର ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ରାସ୍ତାରେ ପୋଲିସ ପାଟ୍ରୋଲିଂ କଡ଼ା କରିବାକୁ ସାଧାରଣରେ ଦାବି ହୋଇଛି।

## ସ୍ୱାସ୍ଥ୍ୟସେବା ଶିବିର

ସୋର, ୨୧୯(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ନଟାପଡା ପୁରୁଷୋତ୍ତମ ଉପ୍ରା ପ୍ରାଥମିକ ବିଦ୍ୟାଳୟରେ ରତିକାନ୍ତ ବେହେରାଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସ୍ୱାସ୍ଥ୍ୟସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ରୋଗୀ ମାଗଣାରେ ଚିକିତ୍ସା ହେବା ସହ ମାଗଣା ଔଷଧ ବର୍ଣ୍ଟନ କରାଯାଇଥିଲା। ଏଥିରେ ଡାକ୍ତର ଅବିନାଶ ମହାପାତ୍ର (ସର୍ଜରୀ ପ୍ରଫେସର), ଡାକ୍ତର ସୁମନ୍ତ କୁମାର ଧଡ଼ା (ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ) ଓ ଡାକ୍ତର ସ୍ୱାଗତ ମହାପାତ୍ର(ଅର୍ଥପେଡିକ ବିଶେଷଜ୍ଞ) ଯୋଗ ଦେଇଥିଲେ ଏବଂ ଏଲଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ ଦ୍ୱରା ମାଗଣା ଆଖି ପରୀକ୍ଷା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନଟାପଡା ପଞ୍ଚାୟତରେ ସରପଞ୍ଚ ସନ୍ଧ୍ୟାରାଣୀ ପଣ୍ଡା, ସମିତିସଭ୍ୟ ନିରୁପମା ଜେନା, ପ୍ରସନ୍ନ କୁମାର ଜେନା, ୱାର୍ଡମେମ୍ବର ବଳରାମ ବାରିକ, ରମେଶ ମହାପାତ୍ର, ବାସୁଦେବ ବାରିକ, ଶତିକାନ୍ତ ବେହେରା, ଅଜୟ ଦାସ, ବିନୟ ମହାନ୍ତି, ଅଜୟ ସେଣ, ସନ୍ଦୀପ ନାୟକ, ମନାଲି ମହାନ୍ତି, ଜୟନ୍ତୀ ବେହେରା, ସୀମା ରାଉତ, ଈପ୍‌ସିତା ବାରିକ, ରବୀନ୍ଦ୍ର କୁମାର ମାଇତି ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାଗତ ଉତ୍ସବ

ବସ୍ତା, ୨୧୯(ହରିଶଙ୍କର ପାଢୀ)

ବସ୍ତା ବ୍ଲକ ଅଧୀନ ଜାମଶୁଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜରେ ଉଦ୍ଭିଦ ବିଜ୍ଞାନ ତରଫରୁ ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଲିପିକା ଜାନା ଉତ୍ସବରେ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କୁ ବିଜ୍ଞାନୀ ମନୋଭାବ ନେଇ ଅଧ୍ୟୟନ ଜୀବନରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଶିବନାରାୟଣ ମହାପାତ୍ର, ଅଧାପକ ଆଶୁତୋଷ ଜତି, ଡେମୋନଷ୍ଟ୍ରେଟର ସୋନାଲିକା ପ୍ରଧାନ, ରାଧାକୃଷ୍ଣ ପ୍ରଧାନ ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ନବାଗତ ଉଦ୍ଭିଦ ବିଜ୍ଞାନର ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପୂର୍ବବର୍ଷର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଐଶ୍ୱର୍ଯ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍ଭିଦ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଭାଜପାକୁ ଫେରିଲେ ପୂର୍ବତନ ଖଇରା ମଣ୍ଡଳ ସଭାପତି

ଖଇରା, ୨୧୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ମଣ୍ଡଳର ପୂର୍ବତନ ସଭାପତି ରାଜେଶ କୁମାର ରାଉତ ବିଜେଡି ଛାଡି ପୁନଶ୍ଚ ଭାଜପାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସୋମବାର ସନ୍ଧ୍ୟାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପରାମର୍ଶକ୍ରମେ ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଆୟୋଜିତ ମିଶ୍ରଣ ପର୍ବରେ ବାଲେଶ୍ୱର ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର ଓ ଏମ୍‌ପି ପ୍ରତାପ ଷଡଙ୍ଗୀ ରାଜେଶଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଖଇରା ପଞ୍ଚାୟତର ଅନ୍ୟତମ ଭାଜପା ନେତା ମନୋଜ ସ୍ୱାଇଁ, ହୃଦୟ ବେହେରା, ସୁରଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କେତେଜଣ କର୍ମୀଙ୍କ ସହ ଭୁଲ ବୁଝାମଣା ପାଇଁ ସେ ନିର୍ବାଚନ ପୂର୍ବରୁ ଦଳଠାରୁ ଦୂରେଇ ଯାଇଥିଲେ। ହେଲେ ଏବେ ମନୋମାଳିନ୍ୟ ଦୂର ପରେ ପୁନଶ୍ଚ ଦଳକୁ ଫେରିଥିବା ନେଇ ରାଜେଶ କହିଛନ୍ତି।


ସଭାପତି ଉମାକାନ୍ତ ମହାପାତ୍ର ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରୁଛନ୍ତି।

## ମିନି ଟ୍ରକ୍ ମାଲିକ ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲେଶ୍ୱର, ୨୧୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ନୋସିଠାରେ ରବିବାର ଅଲ୍ ଓଡ଼ିଶା ମିନି ଟ୍ରକ୍ ମାଲିକ ମହାସଂଘର ବାଲେଶ୍ୱର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଶାଖା ସଭାପତି ହିରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାସଂଘର ରାଜ୍ୟ ସମ୍ପାଦକ ସୁଶାନ୍ତ ରଣା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ଶାଖା ସମ୍ପାଦକ ଅଜୟ କୁମାର ଓଝା, ସହସମ୍ପାଦକ ରାଜୀବ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ବିରଞ୍ଚି କୁମାର ସାହୁ, ଉପସଭାପତି ଏସ୍‌କେ ମେହରାଜ ଓ ଉମେଶ ସାହୁ, କୋଷାଧ୍ୟକ୍ଷ ରାକେଶ ସିହ୍ନାଙ୍କ ସମେତ ମହାସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨୭୩ଟି ଅଭିଯୋଗ ଗ୍ରହଣ

କେନ୍ଦୁଝର,୨୧୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳ ବିଶାଲ ସିଂହଙ୍କ ନେତୃତ୍ୱରେ ସଦର ମହକୁମାସ୍ଥ ଦରବାର ହଲଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୨୭୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୯ଟି ଅଭିଯୋଗ ଗୋଷ୍ଠୀ ସମସ୍ୟାମୂଳକ ହୋଇଥିବାବେଳେ ୨୪୪ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥି ମଧ୍ୟରୁ ୯୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲା ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୭ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲାପାଳ ଆଲୋକ ରଞ୍ଜନ ପ୍ରଧାନ, ମନ୍ଦରଧର ମହାଲିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନାଗଭୁଷଣ, ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର ପୃଷ୍ଟି, କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳାଇ, ସଦର ବିଡିଓ ତିଲୋତ୍ତମା ପୃଷ୍ଟି, କେନ୍ଦୁଝର ତହସିଲଦାର ଶୁଭେନ୍ଦୁ ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ ସେଠୀ ଏବଂ ସହକାରୀ ଜିଲାପାଳ ସରୋଜ ମଲ୍ଲିକଙ୍କ ସମେତ ଜିଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀ ଏଥିରେ ଯୋଗଦେଇଥିଲେ। ୨ ଗୋଟି ମୋଟରଚାଳିତ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉପକରଣ ବର୍ଣ୍ଟନ

ପାଟଣା,୨୧୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟତା ଉପକରଣ ବର୍ଣ୍ଟନ କରାଯାଇଛି। ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣା ତହସିଲଦାର ଲିଳାବତୀ ନାୟକ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହାୟକ ଉପକରଣ ବର୍ଣ୍ଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଏବିଓ ସଚ୍ଚିଦାନନ୍ଦ ସେଠୀ, ବିଜୟ ଓଝା, ପ୍ରକାଶ ରାୟ ପ୍ରମୁଖ ଯୋଗଦେଇଥିଲେ। ପାଟଣା ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅନ୍ତର୍ଗତ ୨୩ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପଠନ ସହାୟକ ଉପକରଣ ପାଇଁ ହ୍ୱିଲ ଚେୟାର, ଟ୍ରାଇ ସାଇକେଲ, ବ୍ୟାଗ, ବହି, ଖାତା ପେନଆଦି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ପାଟଣା ବ୍ଲକ୍ ଦିବ୍ୟାଙ୍ଗ ସମ୍ବଳ ସହାୟକ ଶିକ୍ଷକ ରଜନୀ ନାଏକ, ମୀନକେତନ ପାତ୍ର, କ୍ଲଷ୍ଟର ସଂଯୋଜକ ଜ୍ୟୋର୍ତିମୟ ତ୍ରିପାଠୀ, ସନ୍ତୋଷ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

## ଗଣେଶ ପୂଜା ପାଇଁ ନିର୍ଦ୍ଦେଶନାମା ଜାରି

ବାଲେଶ୍ୱର, ୨୧୯(ବାଞ୍ଛାନିଧି ଦେ)

ଚଳିତ ଗଣେଶ ପୂଜା ପରିପ୍ରେକ୍ଷୀରେ ବାଲେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁମତିପତ୍ର ଏବଂ ଆପତ୍ତି ବିହୀନ ପ୍ରମାଣପତ୍ର ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ବାଲେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ପୂଜା ମଣ୍ଡପ ଓ କମିଟିମାନଙ୍କୁ ସମସ୍ତ ପ୍ରକାର ଅନୁମତି ପତ୍ର ଏବଂ ଆପତ୍ତି ବିହୀନ ପ୍ରମାଣପତ୍ର ଯୋଗାଇ ଦିଆଯିବ। ସିଙ୍ଗଲ ୱିଣ୍ଡୋ ଲାଗି ଚଳିତ ସେପ୍ଟେମ୍ବର ୩, ୪ ଓ ୫ ତାରିଖରେ ଆବେଦନ କରିହେବ। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଉକ୍ତ ଦିନଗୁଡ଼ିକରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ୩୦ପର୍ଯ୍ୟନ୍ତ ଆବେଦନ କରାଯିବ ବୋଲି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଗତ ଅଗଷ୍ଟ ୩୧ରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆସନ୍ତା ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନିଷ୍ଠିତ ହୋଇ ପୂଜା ଓ ଭସାଣି ଉତ୍ସବର ନିୟମକାନୁନ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା।

## ମା' ପାଇଁ ଗଛଟିଏ ଲଗାଇଲେ ବିଧାୟକ

ରସାଲପୁର, ୨୧୯(ଶରତ ସାମଲ)

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ଖାନନଗର ପଞ୍ଚାୟତ ବାଙ୍ଗରା ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ଯୁକ୍ତ ୩ ଡିଗ୍ରୀ କଲେଜ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମା' ପାଇଁ ଗଛଟିଏ ନାରା ସମ୍ପର୍କରେ ଆଲୋକପାତ କରି ବ୍ୟାପକ ଚାରାରୋପଣ ପାଇଁ ଆହ୍ୱାନ ଦେଇଥିଲେ। କଲେଜ ପରିସରରେ ଚାରାରୋପଣ କରି ବିଧାୟକ ଦାସ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଯୁକ୍ତ ୨ କଲେଜ ଅଧକ୍ଷ ଶଶିଭୂଷଣ କରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଯୁକ୍ତ ୩ କଲେଜର ପରିଚାଳନା କମିଟି ସଭାପତି ମନ୍ମଥ ମହାନ୍ତି, ଅଧକ୍ଷା ପ୍ରଣତି ପ୍ରିୟଦର୍ଶିନୀ ମିଶ୍ର, ଡ. ଲେଖାରାଣୀ ଦାସ, ଅଧାପକ ବୀରେନ୍ଦ୍ର ପାଳ, ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଗିରି, ଲମ୍ବୋଦର ଦାସ ପ୍ରମୁଖ ଯୋଗଦେଇଥିଲେ।


ବିଧାୟକ ଚାରାରୋପଣ କରୁଛନ୍ତି।

## ଜିଲାପାଳ, ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

ବାଲେଶ୍ୱର, ୨୧୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ସାଗରିକା ନାଥ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

ଶିବିରରେ ମୋଟ୍ ୧୧୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିମଧ୍ୟରେ ମୁଖ୍ୟତଃ ବିଭିନ୍ନ ସ୍ଥାନରେ ଜଳଯୋଗାଣ, ଜମି ସୀମାଙ୍କନ, ସ୍ୱାସ୍ଥ୍ୟଗତ ଏବଂ ଚିକିତ୍ସାଜନିତ ଆବଶ୍ୟକ ସୁବିଧା, ଗମନାଗମନ, ଭିନ୍ନକ୍ଷମଙ୍କ ସାମାଜିକ ସୁରକ୍ଷା, ବାସଗୃହଜନିତ ସମସ୍ୟା ଗୁଡ଼ିକ ସର୍ବାଧିକ ଥିଲା। ସେଥିମଧ୍ୟରୁ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ୪ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅର୍ଥ ପ୍ରଦାନ ସହ ରେଡକ୍ରସ୍ ପାଣ୍ଠିରୁ ଜଣଙ୍କୁ ଅର୍ଥରାଶି ମଞ୍ଜୁର କରାଯାଇଥିଲା।



ଜନ ଅଭିଯୋଗ ଶୁଣାଣି ଶିବିର।

### ୧୧୨ ଅଭିଯୋଗ ପଞ୍ଜୀକୃତ, ୩ଟିର ତତ୍କାଳ ସମାଧାନ

ଶୁଣାଣିରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରେ ସରକାରଙ୍କର ବିଭିନ୍ନ ଯୋଜନା ଅନୁଯାୟୀ ଆବାସ ସହାୟତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଅଭିଯୋଗଗୁଡ଼ିକ ଉପରେ ବିଚାର କରାଯାଇ ଏହାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଚମ୍ପୁଆ ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ

ଚମ୍ପୁଆ,୨୧୯(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁଥିବା ଚମ୍ପୁଆ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତା ନିମନ୍ତେ ଖେଳାଳି ନିଲାମ ହୋଇଯାଇଛି। ସ୍ୱାଗତ ଗେଷ୍ଟ ହାଉସଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଚମ୍ପୁଆ ଏନ୍ଏସି ଉପାଧ୍ୟକ୍ଷା ସୁମିତ୍ରା ବେହେରା, ଯୁବନେତା ସୁବାଶ ରାମ ଏବଂ ୧ ନଂ .ୱାର୍ଡ କାଉନ୍‌ସିଲର ଛତ୍ରପତି ନାଏକ ଉଦ୍‌ଘାଟନ କରିବା ପରେ ଖେଳାଳି ନିଲାମ ଆରମ୍ଭ ହୋଇଥିଲା। ଚମ୍ପୁଆ କ୍ରିକେଟ୍ କ୍ଲବ୍ ପକ୍ଷରୁ ଆୟୋଜିତ ନିଲାମ କାର୍ଯ୍ୟକ୍ରମରେ ୬ ଗୋଟି ଦଳ ଭାଗ ନେଇଥିବା ବେଳେ ୯୪ଜଣ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ବିଶେଷ ଭାବରେ ସାୟାନ ଇଲେଭେନ, ଗବର ଇଲେଭେନ, ଅମାନତ ଇଲେଭେନ, ଆରମାନ ଟାଇଲ୍ସ, ଏସଏଫ୍‌ସି ଜୟନ୍ତୀଗଡ ଓ ଅଭିଷେକ ଷ୍ଟିଲ ପ୍ରମୁଖ ଦଳ ଭାଗନେଇଥିଲେ। ଦାମୀ ଖେଳାଳି ଭାବେ ଫାଇମ ଖାନ, ଅକମଲ, ଅଭିରନ, ମୁନିର, ଜାୱର ଓ ଇଜାଉଲ୍ ନିଲାମ ହୋଇଥିଲେ। ବିଜୁ ପଦାର, ଲକ୍ଷ୍ମଣ, ଆସିଫ, ଅମିର, ଖାନ୍ ଓ ଜାୱାର ପ୍ରମୁଖ ପରିଚାଳନା କରିଥିଲେ।

